କଅଁଳ ମନରେ ଓଡ଼ିଶା ଉତ୍ଥାନ

# ଅଙ୍କୁରାୟନ

ପତ୍ର ସଂଖ୍ୟା : ୦୫ | ତାରିଖ : ୧୪.୧୧.୨୦୨୪

୧୭-୧୯ ଡ଼ିସେମ୍ବର ୨୦୨୪

ପ୍ରିୟ ବନ୍ଧୁ,

ବହଳ ବିଶ୍ୱାସଭରା ନମସ୍କାର ।

କଅଁଳ ମନଟି ଜହ୍ନରାଇଜରୁ ଫେରିଆସିଛି । ଓହ୍ଲେଇ ପଡ଼ିଛି ଓଡ଼ିଶାର ଏଇ ମାଟିରେ, ଗୋଟିଏ ନଈକୂଳେ । ନଈପାଣିରେ ଗାଧୋଇବାକୁ ଉଛନ୍ନ । କିନ୍ତୁ ପାଦ ଅଟକି ଯାଉଛି - ଓଃ କେତେ ଅସନା ଏ ପାଣି ! ସୁଲୁସୁଲିଆ ପବନରେ ଶିହରି ଉଠିବା ପୂର୍ବରୁ ନାକ ରୁନ୍ଧି ହୋଇଯାଉଛି କାରଖାନାର କଳା ଧୂଆଁରେ ।

ଛାରଖାର ପ୍ରକୃତିର ରଙ୍ଗଶାଳା !

ଜହ୍ନରାଇଜ ବରଂ ଭଲଥିଲା । ନା ଥିଲା ମାଟିର ବାସ୍ନା, ପାଣିର ଅସ୍ତିତ୍ୱ, ନା ପବନର ସତ୍ତା । ଅତଏବ ଦୂଷିତ ହେବାର ସମ୍ଭାବନା ହିଁ ନଥିଲା ।

କିନ୍ତୁ ଏଇ ମାଟିର ମହକରେ ଯିଏ ଚିରମଗ୍ନ,ଏଇ ପାଣିର ପ୍ରବାହରେ ଯାହାର ପ୍ରାଣ ବହମାନ ଓ ଏଇ ପବନର ପରଶ ଯାହା ସତ୍ତାର ପ୍ରାବଲ୍ୟ, ସେ ବା କେମିତି ଏଡ଼ାଇଯିବ ଏ ଅସହ୍ୟ ଅସଙ୍ଗତି ?

ଦାୟୀ କିଏ ? କ'ଣ ମୁଁ ?

ଏମିତି ଏକ ଧୂସର ଦ୍ୱିବିଧାରେ ବୁଡ଼ିଯାଉଥିବା ବେଳେ ବାଁ କାନ୍ଧରେ କାହା ପାପୁଲିର ସାମାନ୍ୟ ସ୍ପର୍ଶରେ ବୁଲିପଡ଼େଁ ପଛକୁ । ଦିଶେ, ଗୋଟିଏ ନୁହେଁ; ଅନେକ ପୁରୁଣା ସ୍ୱପ୍ନ ମାନଙ୍କର କାନ୍ଦକାନ୍ଦ ମୁହଁଟିମାନ । ନିରେଖି ଦେଖିଲେ ଜାଣିହୁଏ, ଆସନ୍ତାକାଲି ଉଠିବାକୁ ଥିବା ନୂଆ ସୂରୁଯଙ୍କ ଉଷୁମ ଆଭାସ, ସେ ଆଖିମାନଙ୍କରେ ।

ପୁଣି ଦିଶିଯାଏ, କଦାପି ମୁଣ୍ଡ ନୁଆଁଇ ନଥିବା ପଗଡ଼ି ପିନ୍ଧା ମଧୁବାବୁ ନାମକ ସେ ମଣିଷ - ଭୋକିଲା ଓ ଲଙ୍ଗଳା ଓଡ଼ିଶାର ଲୁହରେ ଲୁଡୁବୁଡୁ ସୁଆଣ୍ଡୋର ସନ୍ଥ, ଅସହାୟର ବନ୍ଧୁ ଗୋପବନ୍ଧୁ ।

ମାଟିକୁ ମାରି ନଦେଇ, ଗଛକୁ ଗଡ଼େଇ ନଦେଇ, ନଈକୁ ନାରଖାର ନକରି - ଓଡ଼ିଶାକୁ ଗଢିହେବ 'ନୂଆକରି'। ବିକାଶ ପାଖରେ ବନ୍ଧାପଡ଼ିବନି ମଣିଷ । ସମୃଦ୍ଧିର ପାପଇଚ୍ଛା ସ୍ୱାଭିମାନକୁ ପରାସ୍ତ କରିବନି । ଯେଉଁ ମାଟିର ଛୁଆଁରେ ଚଣ୍ଡାଳ ଅଶୋକ ପାଲଟିଥିଲା ଧର୍ମର ଉପାସକ, ସେ ମାଟିର ମଣିଷ ପୁଣି ଉଠିବ । ଚେଇଁଉଠିବ ତା'ର ମାତୃପ୍ରେମ ।

ସ୍ୱାତନ୍ତ୍ର୍ୟର ଶହେବର୍ଷ ଅଭିମୁଖେ ଆରମ୍ଭିଥିବା ଓଡ଼ିଶାର ଏହି ଅଭିଯାତ୍ରାରେ ସେ ହେବ ଏକ ସମର୍ଥ ଓ ସହଜ ସହଯାତ୍ରୀ ।

ନିଜହାତରେ ସେ ଗଢିବ ଓଡ଼ିଶାର ଆସନ୍ତାକାଲିକୁ । ସେଇ କଅଁଳ ମନମାନଙ୍କର ସନ୍ଧାନରେ ଆଜି ପାଇକା ଓ କୁସୁମୀ ନଈପଠାରେ ଠିଆ ହୋଇଛି କେହି ଜଣେ !

ବୋଧହୁଏ 'ଅଙ୍କୁରାୟନ' !

ହଁ, ଏ ବରଷର ଅଙ୍କୁରାୟନ - କଅଁଳ ମନରେ ଓଡ଼ିଶା ଉତ୍ଥାନ ।




ଶ୍ରୀ ବିଭୁସେନ ପତି
ଆବାହକ
ଅଙ୍କୁରାୟନ - ୨୦୨୪
ଭ୍ରାମ୍ୟଭାଷ - ୮୮୪୭୮୫୬୭୫୨


ବନ୍ଧୁ

ଲଙ୍କାପଡା, ଜଗତସିଂହପୁର
ଶରଣକୂଳ, ନୟାଗଡ

THE GREEN CLUB
Together we can.

କଅଁଳ ମନରେ ଓଡ଼ିଶା ଉତ୍ଥାନ

# ଅଙ୍କୁରାୟନ

**୧୭ - ୧୯ ଡ଼ିସେମ୍ବର ୨୦୨୪**

ଲଙ୍କାପଡା (ଜଗତସିଂହପୁର) | ଶରଣକୁଳ (ନୟାଗଡ)

## ଅଙ୍କୁରାୟନ କାର୍ଯ୍ୟକ୍ରମ ସୂଚୀ

### ତା ୧୭.୧୨.୨୦୨୪ ରିଖ (ମଙ୍ଗଳବାର)

| | | |
|---|---|---|
| ଉଦ୍‌ଘାଟନ | ସମସ୍ତେ | ପୂର୍ବାହ୍ନ ୮.୪୫ |
| ୧୦୦ ମିଟର ଦୌଡ଼ (ବରିଷ୍ଠ ଛାତ୍ର) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ର | ପୂର୍ବାହ୍ନ ୯.୩୦ |
| ଲମ୍ଫଡ଼ିଆଁ (କନିଷ୍ଠ ଛାତ୍ରୀ) | ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ | ପୂର୍ବାହ୍ନ ୯.୩୦ |
| ୧୦୦ ମିଟର ଦୌଡ଼ (କନିଷ୍ଠ ଛାତ୍ର) | ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ର | ପୂର୍ବାହ୍ନ ୧୦.୩୦ |
| ଲମ୍ଫଡ଼ିଆଁ (ବରିଷ୍ଠ ଛାତ୍ରୀ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ | ପୂର୍ବାହ୍ନ ୧୦.୩୦ |
| ସୃଜନିକା (ବରିଷ୍ଠ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ | ପୂର୍ବାହ୍ନ ୧୧.୩୦ |
| ସୃଜନିକା (କନିଷ୍ଠ) | ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ପୂର୍ବାହ୍ନ ୧୧.୩୦ |
| ମଧ୍ୟାନ୍ତର ଓ ଭୋଜନ | ସମସ୍ତେ | ଅପରାହ୍ନ ୧୨.୧୫ |
| ଝୋଟିଚିତା | ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ଅପରାହ୍ନ ୧.୪୫ |
| ଦଉଡ଼ିଡ଼ିଆଁ (କନିଷ୍ଠ) | ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ | ଅପରାହ୍ନ ୨.୧୫ |
| ଦଉଡ଼ିଡ଼ିଆଁ (ବରିଷ୍ଠ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ | ଅପରାହ୍ନ ୨.୧୫ |
| ସଙ୍ଗୀତ (କନିଷ୍ଠ) | ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ଅପରାହ୍ନ ୩.୩୦ |
| ମୁରୁଜ (ବରିଷ୍ଠ) | ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସର୍ବସାଧାରଣ | ଅପରାହ୍ନ ୩.୩୦ |
| ସଙ୍ଗୀତ (ବରିଷ୍ଠ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ | ଅପରାହ୍ନ ୪.୦୦ |
| ମୁରୁଜ (କନିଷ୍ଠ) | ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ଅପରାହ୍ନ ୪.୦୦ |
| ସଙ୍ଗୀତ | ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସର୍ବସାଧାରଣ | ଅପରାହ୍ନ ୪.୩୦ |

### ତା ୧୮.୧୨.୨୦୨୪ ରିଖ (ବୁଧବାର)

| | | |
|---|---|---|
| ମହକ | ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ପୂର୍ବାହ୍ନ ୯.୦୦ |
| ୧୦୦ ମିଟର ଦୌଡ଼ (ବରିଷ୍ଠ ଛାତ୍ରୀ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀ | ପୂର୍ବାହ୍ନ ୯.୦୦ |
| ଲମ୍ଫଡ଼ିଆଁ (କନିଷ୍ଠ ଛାତ୍ର) | ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ର | ପୂର୍ବାହ୍ନ ୯.୦୦ |
| ପୁଚି | ତୃତୀୟ ରୁ ପଞ୍ଚମ ଶ୍ରେଣୀ ଛାତ୍ରୀ | ପୂର୍ବାହ୍ନ ୧୦.୦୦ |
| ଜ୍ଞାନ ସିନ୍ଦୁକ (ବରିଷ୍ଠ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ | ପୂର୍ବାହ୍ନ ୧୧.୦୦ |
| ଜ୍ଞାନ କୁମ୍ଭି (କନିଷ୍ଠ) | ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ପୂର୍ବାହ୍ନ ୧୧.୦୦ |
| ମଧ୍ୟାନ୍ତର ଓ ଭୋଜନ | ସମସ୍ତେ | ପୂର୍ବାହ୍ନ ୧୨.୦୦ |
| ଇନ୍ଦ୍ରଧନୁ (ବରିଷ୍ଠ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ | ଅପରାହ୍ନ ୨.୦୦ |
| ଇନ୍ଦ୍ରଧନୁ (କନିଷ୍ଠ) | ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ଅପରାହ୍ନ ୨.୦୦ |
| ମେହେନ୍ଦି | ସମସ୍ତେ | ଅପରାହ୍ନ ୩.୦୦ |
| ଆବୃତ୍ତି | ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ଅପରାହ୍ନ ୩.୩୦ |

### ତା ୧୯.୧୨.୨୦୨୪ ରିଖ (ଗୁରୁବାର)

| | | |
|---|---|---|
| ୧୦୦ ମିଟର ଦୌଡ଼ (କନିଷ୍ଠ ଛାତ୍ରୀ) | ପଞ୍ଚମ ରୁ ସପ୍ତମ ଶ୍ରେଣୀ ଛାତ୍ରୀ | ପୂର୍ବାହ୍ନ ୯.୦୦ |
| ଲମ୍ଫଡ଼ିଆଁ (ବରିଷ୍ଠ ଛାତ୍ର) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ର | ପୂର୍ବାହ୍ନ ୯.୦୦ |
| ବକ୍ତୃତା (ବରିଷ୍ଠ) | ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ | ପୂର୍ବାହ୍ନ ୧୦.୦୦ |
| ବକ୍ତୃତା (କନିଷ୍ଠ) | ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ପୂର୍ବାହ୍ନ ୧୦.୦୦ |
| ବିଭିନ୍ନିକା/ଏକକ ଅଭିନୟ | ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ | ପୂର୍ବାହ୍ନ ୧୧.୦୦ |
| ମଧ୍ୟାନ୍ତର ଓ ଭୋଜନ | ସମସ୍ତେ | ଅପରାହ୍ନ ୧.୦୦ |
| ପୁରସ୍କାର ବିତରଣ | ସମସ୍ତେ | ଅପରାହ୍ନ ୨.୩୦ |
| ଅଙ୍କୁରାୟନ ଧ୍ୱଜାବତରଣ ଓ ଉଦ୍‌ଯାପନ | ସମସ୍ତେ | ଅପରାହ୍ନ ୫.୦୦ |

## ବିଶେଷ କାର୍ଯ୍ୟକ୍ରମ

**ସର୍ଜନା :**
କାଦୁଅ ମାଟିରେ ଓଡ଼ିଶାର ସାଧାରଣ ଓ
ଅସାଧାରଣ ମଣିଷ ବା ତତ୍ ସମ୍ବନ୍ଧୀୟ ପ୍ରତିକୃତି ତିଆରି

| | |
|---|---|
| ସୃଜନିକା | ଇନ୍ଦ୍ରଧନୁ |
| ମହକ | ମୁରୁଜ |
| ଝୋଟିଚିତା | ମଧ୍ୟାନ୍ତର |
| ଆବୃତ୍ତି | ଜ୍ଞାନ କୁମ୍ଭି |
| ଜ୍ଞାନ ସିନ୍ଦୁକ | ମେହେନ୍ଦି |

## ବକ୍ତୃତା

"ବରିଷ୍ଠ : ମୁଁ ଓଡ଼ିଆ – ମୋ ଓଡ଼ିଶା"
"କନିଷ୍ଠ : ମାଟି ପାଣି ପବନ, ସୁନ୍ଦର ମୋ ଜୀବନ"

**ପଞ୍ଜିକରଣର ଶେଷ ତାରିଖ**
୧୨ ଡ଼ିସେମ୍ବର ୨୦୨୪

**ପଞ୍ଜିକରଣ ଲିଙ୍କ୍**
https://bandhuodisha.in/Ankurayan

ବନ୍ଧୁ, ଲଙ୍କାପଡା, ଜଗତସିଂହପୁର, ଓଡ଼ିଶା - ୭୫୪୧୩୪
ଗ୍ରୀନ୍ କ୍ଲବ୍, ହରିହରପୁର, ଶରଣକୁଳ, ନୟାଗଡ, ଓଡ଼ିଶା
THE GREEN CLUB — Together we can.
୮୮୪୭୮୫୬୭୫୨ (ଲଙ୍କାପଡା), ୭୦୦୮୨୪୩୪୨୩ (ନୟାଗଡ)
୯୪୩୭୩୮୫୮୪୪ (ବନ୍ଧୁଘର)